# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 February - 2026

*********************************

## ମୁଖ୍ୟ ସମ୍ବାଦ

- ପାଠପଢ଼ା ଓ ଭବିଷ୍ୟତ ଗଠନର ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ପେ' ଚର୍ଚ୍ଚାର ନବମ ସଂସ୍କରଣରେ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ
- କଳାହାଣ୍ଡି ଓ କନ୍ଧମାଳ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୭୨ଟି ଷ୍ଟେସନ୍‌ର କାର୍ଯ୍ୟ ସମାପ୍ତ ହୋଇଛି; କହିଲେ ରେଳମନ୍ତ୍ରୀ

ଏବଂ

- ରାଜ୍ୟରେ ଆସନ୍ତାକାଲିଠାରୁ ଫାଇଲେରିଆ ନିରାକରଣ ଓ କୃମିନାଶନ ପାଇଁ ଦିଆଯିବ ଔଷଧ

# ପରୀକ୍ଷା ପେ' ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣର ଆଜି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଛନ୍ତି । ଜାରି କରାଯାଇଥିବା ଦ୍ୱିତୀୟ ପର୍ଯ୍ୟାୟର ଭିଡ଼ିଓରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ପରୀକ୍ଷା ସଂପର୍କରେ ପରାମର୍ଶ ଦେଇଛନ୍ତି । ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ଛୋଟ ଛୋଟ ଷ୍ଟାର୍ଟଅପ୍‌ରୁ ସେମାନଙ୍କ ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ଲାଗି ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଛୋଟଛୋଟ ଯୋଜନାଗୁଡ଼ିକ ବୃହତ ପ୍ରକଳ୍ପରେ ପରିଣତ ହେବାର ସମ୍ଭାବନା ରହିଥାଏ । ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପବୃତ୍ତିଗତଙ୍କ ଠାରୁ ଜ୍ଞାନ ଆହରଣ କରି କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ପାଠପଢ଼ା ଓ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଆମ ଜୀବନରେ ମୂଲ୍ୟ ବହନ କରେ । ତେଣୁ ସେ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ । ଛାତ୍ରଛାତ୍ରୀମାନେ ଯେଉଁ କଳାରେ ନିପୂଣ ଓ ଅଭ୍ୟାସ ସହ ସଂପର୍କିତ, ତାହା ସେମାନଙ୍କ ଚାପ ଦୂର କରିପାରିବ ବୋଲି ପ୍ରଧାନମନ୍ତ୍ରୀ' ଛାତ୍ରଛାତ୍ରମାନଙ୍କ ତାଙ୍କ ସମ୍ବୋଧନରେ କହିଛନ୍ତି ।

କୃତ୍ରିମ ବୁଦ୍ଧିମତା– ଏ.ଆଇ.ଦ୍ୱାରା ସୃଷ୍ଟି ହେଉଥିବା ଭୟ ଏବଂ ଭବିଷ୍ୟତ ଉପରେ ଏହାର ପ୍ରଭାବ ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିର୍ଣ୍ଣାୟକ ହେବାକୁ ପରାମର୍ଶ ଦେଇଛନ୍ତି । ପ୍ରଯୁକ୍ତିବିଦ୍ୟାକୁ ବୁଦ୍ଧିମତାର ବିକଳ୍ପ ହେବାକୁ ନ ଦେବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଯୁକ୍ତିବିଦ୍ୟା ଯୁଗରେ ଚୂଡ଼ାନ୍ତ ନିଷ୍ପତ୍ତି କେବଳ ମନୁଷ୍ୟର ନିଜର ହେବା ଉଚିତ ବୋଲି ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

**V/O**

ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା ନବମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଗୁଜରାଟ ଦେବମୁଗ୍ରା ଏବଂ ଆସାମର ଗୁଆହାଟୀରେ ପରୀକ୍ଷା ଯୋଦ୍ଧାଙ୍କ ସହ ଭାବ ବିନିମୟ କରିଥିଲେ । ସଂସ୍କରଣ ପ୍ରଥମ ପର୍ଯ୍ୟାୟ ଗତ ୬ ତାରିଖରେ ପ୍ରସାରିତ ହୋଇଥିଲା। ଏହି ଲୋକପ୍ରିୟ ବାର୍ଷିକ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ଚଳିତ ସଂସ୍କରଣ ନିମନ୍ତେ ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ସାଢ଼େ୪କୋଟିରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଛନ୍ତି ।

BHK

## ଜିଲ୍ଲା– ପରୀକ୍ଷା ପେ’ ଚର୍ଚ୍ଚା

ଭଦ୍ରକ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚାର ନବମ ସଂସ୍କରଣର ଦ୍ୱିତୀୟ ଭାଗ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ଶୁଣି ଖୁସିବ୍ୟକ୍ତ କରିଛନ୍ତି।

Kalahandi/Kandhamal

## ଉପମୁଖ୍ୟମନ୍ତ୍ରୀ- କଳାହାଣ୍ଡି ଓ କନ୍ଧମାଳ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇଦିନିଆ କଳହାଣ୍ଡି ଓ କନ୍ଧମାଳ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। କଳାହାଣ୍ଡିର ଉତ୍‌କେଳା ବିମାନ ବନ୍ଦରରେ ପହଁଞ୍ଚିବା ପରେ କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠ ଦର୍ଶନ କରିଛନ୍ତି। କେସିଙ୍ଗା ସଂସ୍କୃତି ଭବନଠାରେ ଅନୁଷ୍ଠିତ ସିଟିଜେନ୍ ଫୋରମ୍‌ର ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, କଳାହାଣ୍ଡି ଜିଲ୍ଲାକୁ ପର୍ଯ୍ୟଟନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କ ପାଇଁ ଏକ କ୍ଲଷ୍ଟର ଟୁରିଜିମ୍‌ର ବ୍ୟବସ୍ଥା କରାଯିବ। ତେଲ ଏବଂ ଇନ୍ଦ୍ରାବତୀ ନଦୀର ପାର୍ଶ୍ୱଗୁଡ଼ିକୁ ପର୍ଯ୍ୟଟନସ୍ଥଳ ଭାବେ ବିକାଶ କରାଯିବା ସହିତ ପାହାଡ଼ରେ ଟ୍ରେକିଂର ବ୍ୟବସ୍ଥା କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ବିଗତ ଦେଢ଼ ବର୍ଷ ମଧ୍ୟରେ ସରକାର ୧ ଲକ୍ଷ ଟଙ୍କାର ସବ୍‌ସିଡି ପ୍ରାୟ ୫ ଲକ୍ଷ ଲୋକଙ୍କୁ ପ୍ରଦାନ କରିଛନ୍ତି।

ଶ୍ରୀମତୀ ପରିଡ଼ାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟ ଆଜି ଅପରାହ୍ନରେ କନ୍ଧମାଳ ଜିଲ୍ଲା ଗସ୍ତ କରି ବାଲିଗୁଡ଼ାଠାରେ  ସୁଭଦ୍ରା ଶକ୍ତିମେଳାରେ

ଯୋଗଦେବେ ଏବଂ ସଶକ୍ତ ମହିଳା ଲକ୍ଷପତି ଦିଦିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିବେ। ଦାରିଙ୍ଗିବାଡ଼ି ଇକୋରିଟ୍ରିଟ୍ ବୁଲି ଦେଖିବା ସହିତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ପର୍ଯ୍ୟଟନ ବିକାଶ ଉପରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଆସନ୍ତାକାଲି କନ୍ଧମାଳ ଜିଲ୍ଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାର ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବେ ଏବଂ ଚକାପାଦର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

Desk

## ଜାଗର ପ୍ରସ୍ତୁତି

ଭୁବନେଶ୍ୱର ଲୋକସେବା ଭବନର ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କୁ ଜାଗର ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରାକୁ ଶୃଙ୍ଖଳିତ କରିବା, ଦର୍ଶନ ଓ ନୀତିକାନ୍ତି ସଠିକ୍ ସମୟରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂହ, ମେୟର ସୁଲୋଚନା ଦାସ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଦେବୋତ୍ତର ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

## ଫାଇଲେରିଆ ନିରାକରଣ

ଫାଇଲେରିଆ ନିରାକରଣ ଏବଂ କୃମି ନାଶନ ନିମନ୍ତେ ସାମୂହିକ ଔଷଧ ସେବନ ଅଭିଯାନ ଆସନ୍ତାକାଲିଠାରୁ ରାଜ୍ୟରେ ଆରମ୍ଭ ହେଉଛି। ଏହି ଅଭିଯାନ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ବଲାଙ୍ଗୀର, ବରଗଡ଼, ଗଞ୍ଜାମ ଏବଂ ଢେଙ୍କାନାଳ ଜିଲ୍ଲାର ୭ଟି ବ୍ଲକ ଓ ସହରାଞ୍ଚଳରେ ଏହି କାର୍ଯ୍ୟକ୍ରମ ହେବ। ଆଶାକର୍ମୀ, ତାଲିମ ପାଇଥିବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ଯାଇ ଔଷଧ ଖୁଆଇବେ। ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ଔଷଧ ଖାଇବେ। ଯେଉଁ ପିଲାମାନେ ଆସନ୍ତାକାଲି ଔଷଧ ଖାଇ ନ ଥିବେ ସେମାନଙ୍କୁ ୧୭ ତାରିଖ ଦିନ ପୁଣିଥରେ ଔଷଧ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି।

Desk

## ଅମୃତଭାରତ ଷ୍ଟେସନ୍

ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୭୨ଟି ଷ୍ଟେସନ୍‌ର କାର୍ଯ୍ୟ ସମାପ୍ତ ହୋଇଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଯୋଜନା ଅନୁସାରେ ରେଳ ଷ୍ଟେସନ୍‌ଗୁଡ଼ିକର ପାର୍ଶ୍ୱ ଅଞ୍ଚଳଗୁଡ଼ିକର ଉନ୍ନତିକରଣ ସହିତ ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟ ଶେଷ ହୋଇଛି। 'ଗୋଟିଏ ଷ୍ଟେସନ୍, ଗୋଟିଏ ଉତ୍ପାଦ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ରେଳମନ୍ତ୍ରୀ

କହିଛନ୍ତି। ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ଦେଶର ୧ ହଜାର ୩୩୭ଟି ଷ୍ଟେସନ୍ ଚିହ୍ନଟ କରାଯାଇଛି। ଅନ୍ୟ ଷ୍ଟେସନ୍‌ଗୁଡ଼ିକର କାର୍ଯ୍ୟ ଚାଲୁ ରହିଛି।

Desk

## ଯୁକ୍ତ ଦୁଇ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ । ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ୨୩ଟି ସିଟିଂରେ ୧ ହଜାର ୩୫୭ଟି ପରୀକ୍ଷା କେନ୍ଦ୍ରରେ ୧ ହଜାର ୯୦୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ ଲକ୍ଷ ୧ ହଜାର ୬୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।  ଚଳିତ ବର୍ଷ ପରୀକ୍ଷା କେନ୍ଦ୍ର ଭିତରକୁ ଇଲୋକ୍ଟ୍ରୋନିକ୍ସ ଉପକରଣ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ମଧ୍ୟ ଏହି ନିୟମ ଲାଗୁ ହେବ ବୋଲି ଜଣାପଡ଼ିଛି ।

Desk

## ନୀଟ୍ - ୟୁ.ଜି. ଆବେଦନ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାପାଇଁ ଜାତୀୟ ଯୋଗ୍ୟତା ପରୀକ୍ଷା ନୀଟ୍-ୟୁ.ଜି. ଆସନ୍ତା ମଇ ମାସ ୩ ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷାପାଇଁ ଗତକାଲିଠାରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହୋଇଛି ।

ଓଡ଼ିଆ ସମେତ ୧୩ଟି ଆଞ୍ଚଳିକ ଭାଷାରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପାଇଁ ମାର୍ଚ୍ଚ ମାସ ୮ ତାରିଖ ଆବେଦନର ଶେଷ ତାରିଖ ରହିଛି । neet.nta.nic.in ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ ।

Nuapada

## ଖଡ଼ିଆଲ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖଡ଼ିଆଲ ମହୋତ୍ସବର ଉଦ୍‌ଯାପନୀ ସମାରୋହ ୨ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ପାଇବେ। ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଥିବା ଡକ୍ଟର ମହେନ୍ଦ୍ର ମିଶ୍ର ଏବଂ ଖଡ଼ିଆଲର ପୂର୍ବତନ ନଗରପାଳ ନିମାଇଁ ତାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।